ସମ୍ବାଦ

# ନେତାଜୀ ସିଟି କଲେଜ ଓ ରଘୁନାଥଜିଉ କଲେଜର ସଫଳତା

କଟକ, ୨୦/୫(ଇମିସ): ରାଜାବଗିଚା ସ୍ଥିତ ନେତାଜୀ ସ୍ମାରକୀ ସିଟି କଲେଜ ଯୁକ୍ତ ଦୁଇ କଳାରେ ୩୨୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୨୭୯ ଜଣ ପାସ୍ କରିଛନ୍ତି। ଛାତ୍ରୀ ପ୍ରଜ୍ଞା ସ୍ୱାଇଁ ୪୯୯ ନମ୍ବର ରଖି କଲେଜ ଟପର୍ ହୋଇଛନ୍ତି। ସେହିପରି ବିଜ୍ଞାନରେ ମୋଟ ୯୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୭୪ଜଣ ପାସ୍ କରିଛନ୍ତି। ଛାତ୍ରୀ ଅଗ୍ନିଜା ଦାସ ୪୭୫ ନମ୍ବର ରଖି କଲେଜ ଟପର ହୋଇଛନ୍ତି। ବାଣିଜ୍ୟରେ ୧୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୧୦୧ଜଣ ପାସ୍ କରିଛନ୍ତି। ଛାତ୍ର ରୋନକ୍ ବର୍ମା ୪୮୧ ନମ୍ବର ରଖି ବାଣିଜ୍ୟରେ କଲେଜ ଟପର ହୋଇଛନ୍ତି। ସେହିପରି ଦେଉଳସାହି ସ୍ଥିତ ରଘୁନାଥଜୀଉ କଲେଜରେ +୨ କଳାରେ ମୋଟ ୨୪୬ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ସମୟରେ ୨୧୯ଜଣ ପାସ୍ କରିଛନ୍ତି। ଛାତ୍ରୀ ସୁପ୍ରିୟା ପରିଡ଼ା ସର୍ବାଧିକ ୫୨୫ମାର୍କ ରଖି କଲେଜ ଟପର୍ ହୋଇଛନ୍ତି। କଳା ବିଭାଗରେ ପାସ୍ ହାର ୯୦ ପ୍ରତିଶତ ରହିଛି। ସେହିପରି ବିଜ୍ଞାନରେ ୩୯ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ପାସ୍ ହାର ୬୫ ପ୍ରତିଶତ ରହିଛି। ଛାତ୍ର ରାଜେଶ ନାୟକ ସର୍ବାଧିକ ୪୪୩ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛି। ବାଣିଜ୍ୟ ବିଭାଗରେ ୨୧ଜଣ ପିଲା ପରୀକ୍ଷା ଦେଇଥିବା ସମୟରେ ପାସ୍ ହାର ୮୫ ପ୍ରତିଶତ ରହିଛି। ଛାତ୍ର ଶୁଭମ୍ ଜ୍ୟୋତି ଦାସ ୪୮୩ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛି। ଅଧ୍ୟକ୍ଷା ଡକ୍ଟର ସ୍ନେହଲତା ମିଶ୍ର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଏନଏସଏମ୍ ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କଳାରେ ୩୭୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୨୭୯ କୃତକାର୍ଯ୍ୟ ହୋଇଛନ୍ତି । ୫୧ ଜଣ ପ୍ରଥମ ଶ୍ରେଣୀ, ୮୨ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୧୪୬ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ବାଣିଜ୍ୟରେ ୧୦୯ରୁ ୧୦୧ ଛାତ୍ରଛାତ୍ରୀ ପାସ କରିଛନ୍ତି ।

୨୭ ଜଣ ପ୍ରଥମ, ୨୯ଜଣ ଦ୍ୱିତୀୟ ଓ ୪୩ ଜଣ ତୃତୀୟ ଶ୍ରେଣୀରେ ରହିଛନ୍ତି । ସେହିଭଳି ବିଜ୍ଞାନରେ ୯୪ ରୁ ୭୪ ଜଣ ପାସ୍ କରିପାରିଛନ୍ତି । ୨୨ଜଣ ପ୍ରଥମ, ୨୪ ଜଣ ଦ୍ୱିତୀୟ ଓ ୨୮ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ପୂଜା ପ୍ରଧାନ, ବାଣିଜ୍ୟରେ ରୋନକ ବୁଦ୍ଧ ଓ ବିଜ୍ଞାନରେ ଅଭିଜ୍ଞା ଦାସ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।